ପିଏସ୍‌ଆଇଏଲ୍ କମ୍ପାନୀ ଉପରେ ଇଡି ନଜର

ଭୁବନେଶ୍ୱର,୧୫।୧୦
(ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ଜାଲିଆତି ମାମଲା

- ସିଲିକନ୍,ଟେକ୍‌ଲାବ୍ କମ୍ପାନୀ ଆକାଉଣ୍ଟରୁ ଯାଇଛି ୧୦ କୋଟିରୁ ଅଧିକ ଟଙ୍କା
- ଆଇଟିଆଇ ସଂସ୍ଥାର ଲିଖିତ ଅନୁମତି ବିନା ପଞ୍ଚସଫ୍ଟକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ମିଳିଥିଲା
- ପରୀକ୍ଷା ପୂର୍ବରୁ ସିଲିକନ୍ ଏବଂ ଶଙ୍କର ପୃଷ୍ଟି ମଧ୍ୟରେ ଅର୍ଥ କାରବାର ହୋଇଥିଲା

ଓଡ଼ିଶା ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତା'ର ତଦନ୍ତକୁ ଜୋରଦାର କରିଛି। ଓଡ଼ିଶା ଏବଂ ପଶ୍ଚିମବଙ୍ଗର ୧୨ଟି ସ୍ଥାନରେ ଚଢ଼ାଉ କରିବା ପରେ ନୂଆ ତଥ୍ୟ ପଦାକୁ ଆସୁଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବେ ଏପରି କିଛି କମ୍ପାନୀ ଓ ସଂସ୍ଥାର ସମ୍ଭାବ୍ୟ ସମ୍ପୃକ୍ତି ଖୋଜି ପାଇଛି, ଯେଉଁମାନେ ପୂର୍ବରୁ ତଦନ୍ତ ପରିସରକୁ ଆସି ନ ଥିଲେ। ଏହି ନୂଆ ଖୁଲାସା ମାମଲାକୁ ଅଧିକ ଜଟିଳ କରିଛି। ଏକ ଦମ୍ପତିଙ୍କ ଦ୍ୱାରା ପରିଚାଳିତ ପିଏସ୍‌ଆଇଏଲ୍ କମ୍ପାନୀର ଏହି ଦୁର୍ନୀତିରେ ସମ୍ଭାବ୍ୟ ସମ୍ପୃକ୍ତି ନେଇ ଇଡି ତଦନ୍ତ ଚଳାଇଛି। ଏହି କମ୍ପାନୀ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥାର କାର୍ଯ୍ୟ ପରିଚାଳନା ଦାୟିତ୍ୱ ନେଇଥିଲା। ଉକ୍ତ ଘରୋଇ ସଂସ୍ଥାକୁ ଏକ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ପରୀକ୍ଷା ପରିଚାଳନା କାର୍ଯ୍ୟ ଦେଇଥିଲା। ତଦନ୍ତକାରୀଙ୍କ ସନ୍ଦେହ ଅନୁସାରେ, ପ୍ରଶ୍ନପତ୍ର ଲିକ୍ ଘଟଣା ଏକ ସଂଗଠିତ ଉପାୟରେ କରାଯାଇଥାଇପାରେ। ପରୀକ୍ଷାର୍ଥୀଙ୍କଠାରୁ ଟଙ୍କା ସଂଗ୍ରହ କରି ବଡ଼ ପରିମାଣର ଅପରାଧଜନିତ ଅର୍ଥ ହାସଲ କରାଯାଇଥିବା ଅଭିଯୋଗ ରହିଛି। ଏହି ଟଙ୍କା କେଉଁ କେଉଁ ମାଧ୍ୟମରେ ଆଦାନପ୍ରଦାନ ହୋଇଥିଲା ଏବଂ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଥିଲେ, ସେନେଇ ତଦନ୍ତ ଚାଲିଛି। ଏହି ମାମଲାରେ ଇଡି ମୁଖ୍ୟତଃ ବେଆଇନ ଅର୍ଥ କାରବାର ଦିଗକୁ ଯାଞ୍ଚ କରୁଥିବାବେଳେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ମଧ୍ୟ ନିଯୁକ୍ତି ପରୀକ୍ଷାରେ ହୋଇଥିବା ଅନିୟମିତତାର ତଦନ୍ତ କରୁଛି।

ଇଡି ତଦନ୍ତରୁ ଜାଣିବାକୁ ପାଇଛି, ଏସ୍‌ଆଇ ନିଯୁକ୍ତି ପରୀକ୍ଷା ପରିଚାଳନା ଦାୟିତ୍ୱ ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ(ଓପିଆର୍‌ବି) ପକ୍ଷରୁ କେନ୍ଦ୍ର ସରକାରଙ୍କ ପିଏସ୍‌ୟୁ ଆଇଟିଆଇ ଲିମିଟେଡ୍‌କୁ ଦିଆଯାଇଥିଲା। ଆଇଟିଆଇ ଲିମିଟେଡ୍ ଏହି କାମ ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ଦେଇଥିଲା। କିନ୍ତୁ ଅଭିଯୋଗ ଅନୁସାରେ, ସିଲିକନ୍ ଟେକ୍‌ଲାବ୍‌ର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ନାୟକ ଆଇଟିଆଇ ଲିମିଟେଡ୍‌ର ଲିଖିତ ଅନୁମତି ବିନା ଏସ୍‌ଆଇ ପରୀକ୍ଷା ପରିଚାଳନା ପାଇଁ ପଞ୍ଚସଫ୍ଟ ଟେକ୍ନୋଲୋଜିକୁ ନିୟୋଜିତ କରିଥିଲେ। ଏହାର ନିର୍ଦ୍ଦେଶକ ଥିଲେ ଶଙ୍କର ପୃଷ୍ଟି, ଯାହାର ଫାଇଦା ନେଇ ଶଙ୍କର ଏକାଧିକ ପିଲାଙ୍କ ଠାରୁ ଟଙ୍କା ଆଦାୟ କରିଥିଲେ। ଶଙ୍କର ପୃଷ୍ଟି ଓ ସିଲିକନ୍ ଟେକ୍‌ଲାବ୍ ମଧ୍ୟରେ ଏସ୍‌ଆଇ ପରୀକ୍ଷା ପୂର୍ବରୁ ଅର୍ଥ କାରବାର ହୋଇଥିବା ଇଡିର ତଦନ୍ତରୁ ଜଣାପଡ଼ିଛି। ଲକ୍ଷାଧିକ ଟଙ୍କା ଶଙ୍କର ପୃଷ୍ଟି ସିଲିକନ୍ ଟେକ୍‌ଲାବ୍ କମ୍ପାନୀର ନିର୍ଦ୍ଦେଶକକୁ ଦେଇଥିଲେ। ବଡ଼ କଥା ହେଲା ସିଲିକନ ଟେକ୍‌ଲାବ୍‌ର ଅଧିକାଂଶ ଅଂଶଧନ ପିଏସ୍‌ଆଇଏଲ୍ କମ୍ପାନୀ ଅଧୀନକୁ ଯାଇଥିବା ଇଡି ତଦନ୍ତରୁ ଜଣାପଡ଼ିଛି। ଏହି କାରବାର ୨୦୨୩ ଅଗଷ୍ଟ ୫ ତାରିଖରେ ଏକ ଅଂଶଧନ କ୍ରୟ ଚୁକ୍ତି ଆଧାରରେ ହୋଇଥିବା ଦର୍ଶାଯାଇଛି। ତେବେ ଉକ୍ତ ଚୁକ୍ତିକୁ ଉଭୟ କମ୍ପାନୀ ରେଜିଷ୍ଟ୍ରାର ଅଫ୍ କମ୍ପାନିଜଙ୍କ ନିକଟରେ ଦାଖଲ କରି ନ ଥିବା ଇଡି ତଦନ୍ତରୁ ଜଣାପଡ଼ିଛି। ଏହି ଅଂଶଧନ ଓ ଅନ୍ୟ ଆର୍ଥିକ ଦିଗକୁ ନେଇ ଇଡି ଏବେ ଖୋଳତାଡ଼ କରୁଛି।

୧.୯୭ କୋଟି ଠକେଇ ମାମଲା: ମୁଖ୍ୟ ଅଭିଯୁକ୍ତ ଗିରଫ, ଅନ୍ୟ ଜଣେ ଫେରାର

ଭୁବନେଶ୍ୱର, ୧୫।୧୦ (ପ୍ରସନଜିତ୍ ସାହୁ)

ଜମି ବିକ୍ରି ଆଳରେ ଠକେଇ ଅଭିଯୋଗରେ ଗୁରୁବାର ଲକ୍ଷ୍ମୀସାଗର ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଅଞ୍ଚଳରେ ରହୁଥିବା ପୁରୀ ଜିଲା ଟାଉନ ଥାନା ହାଡଗୋଡିଆ ସାହିର ସୁବାସ ଚନ୍ଦ୍ର ଦାସ। ସୁବାସ ତାଙ୍କ ବନ୍ଧୁ ଶୁଭମ୍ ମହାନ୍ତିଙ୍କ ସହ ମିଶି ଖାରପଡାର ହିମାଂଶୁ ଶେଖର ଶ୍ରୀଚନ୍ଦନଙ୍କଠାରୁ ୧ କୋଟି ୯୭ ଲକ୍ଷ ୧୦ହଜାର ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ତେବେ ଅନ୍ୟତମ ଅଭିଯୁକ୍ତ ଶୁଭମ୍ ଫେରାର ଥିବାରୁ ତାଙ୍କୁ ମଧ୍ୟ ଗିରଫ ପାଇଁ ଉଦ୍ୟମ ଚାଲିଥିବା ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ସୁବାସ ଓ ଶୁଭମ୍ ମିଶି ଭୁବନେଶ୍ୱରର ଜୟଦୁର୍ଗା ନଗରରେ ଏକ ଆଡ୍‌ଭର୍ଟାଇଜମେଣ୍ଟ ଓ ଡିଜିଟାଲ ମାର୍କେଟିଂ ବ୍ୟବସାୟ କରୁଥିଲେ। ୨୦୨୦ ଅଗଷ୍ଟରେ ସେମାନେ ହିମାଂଶୁଙ୍କୁ ଭେଟି ଆର୍ଥିକ ସହାୟତା ମାଗିବା ସହିତ ସୁବାସଙ୍କ ନାମରେ ଥିବା ଜୋହଲା ମୌଜାର ଏକ ଜମି ବିକ୍ରି କରିବାକୁ ପ୍ରସ୍ତାବ ଦେଇଥିଲେ। ହିମାଂଶୁ ସେମାନଙ୍କ କଥାରେ ବିଶ୍ୱାସ କରି ବିଭିନ୍ନ ପର୍ଯ୍ୟାୟରେ ମୋଟ ୧ କୋଟି ୯୭ ଲକ୍ଷ ୧୦ ହଜାର ଟଙ୍କା ଦେଇଥିଲେ। ୨୦୨୧ ଏପ୍ରିଲ ୮ ତାରିଖରେ ଏନେଇ ଏକ ଚୁକ୍ତିନାମା ହୋଇଥିଲା। ଟଙ୍କା ନେବା ପରେ ସେମାନେ ଜମି ରେଜିଷ୍ଟ୍ରି କରି ନ ଥିଲେ କିମ୍ବା ଟଙ୍କା ଫେରସ୍ତ କରି ନ ଥିଲେ। ହିମାଂଶୁ ଟଙ୍କା ମାଗିବାରୁ ସେମାନେ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମାରଣାସ୍ତ୍ରରେ ହାଣିଦେବାର ଧମକ ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗିରଫଦାରିରୁ ବର୍ତ୍ତିବା ପାଇଁ ସୁବାସ ଦୀର୍ଘଦିନ ଧରି ଫେରାର ଥିଲେ। ଗୁରୁବାର ପୁରୀରୁ ପୋଲିସ ତାଙ୍କୁ ଗିରଫ କରିଥିବା ସୂଚନା ଦେଇଛି।

ବନ୍ଧୁକ ଫୁଟାଇ ବାଲିଘାଟରେ ଜନ୍ମଦିନ ପାଳନ

ଭୁବନେଶ୍ୱର,୧୫।୧୦
(ତ୍ରିନାଥ ମହାନ୍ତି)

- ଭିଡିଓ ପାଇବା ପରେ ମାଫିଆକୁ ଉଠାଇ ଆଣିଲା ସ୍ପେଶାଲ କ୍ରାଇମ୍ ୟୁନିଟ୍
- ଚୋରା ବନ୍ଧୁକରୁ ୭ ରାଉଣ୍ଡ ଫ୍ଲସ୍ ଫାଇରିଂ କରିଥିଲେ

ଜଗତ୍‌ସିଂହପୁର ଜିଲା ଜୟପୁର ବାଲିଘାଟରେ ଫଲ୍ସ ଫାଇରିଂ କରି ଜନ୍ମଦିନ ପାଳନ କରିବା ବାଲି ଚାଲାଣକାରୀଙ୍କୁ ମହଙ୍ଗା ପଡ଼ିଛି। ବନ୍ଧୁକରୁ ୭ରୁ ଅଧିକ ରାଉଣ୍ଡ ଗୁଳି ଫୁଟାଇ କେକ୍ କାଟିବାର ଭିଡିଓ ସ୍ପେଶାଲ କ୍ରାଇମ୍ ୟୁନିଟ୍ ହାତରେ ପଡ଼ିବା ପରେ ପୋଲିସ ବାଲି ଚାଲାଣକାରୀ ଦିଲ୍ଲୀପ କୁମାରକୁ ଉଠାଇ ଆଣି ପଚରାଉଚରା କରୁଛି। ୪ଟି ବନ୍ଧୁକରୁ ଗୁଳି କରାଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏହି ୪ଟି ଚୋରା ବନ୍ଧୁକ କେଉଁଠୁ ଆସିଲା ସେନେଇ ଛାନ୍‌ଭିନ୍ କରାଯାଉଛି। ଦିଲ୍ଲୀପ ବିହାରରୁ ଏହି ୫ଟି ବନ୍ଧୁକ ଆଣିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ବାଲି ଚାଲାଣ ବେଳେ ଯିଏ ତାଙ୍କୁ ବିରୋଧ କରୁଥିଲେ ତାଙ୍କୁ ସେ ଏହି ବନ୍ଧୁକ ଦେଖାଇ ଭୟଭରତ କରୁଥିବା କୁହାଯାଉଛି।

ଦିଲ୍ଲୀପଙ୍କ ଜନ୍ମଦିନ ପାଇଁ ସେ ଏବଂ ତାଙ୍କ ସହଯୋଗୀମାନେ ଜୟପୁର ବାଲି ଘାଟରେ ଏକାଠି ହୋଇଥିଲେ। ବାଲିଘାଟ ନିକଟରେ ବନ୍ଧୁକ ଫୁଟାଇଲେ ଗାଁ ଭିତରକୁ ଶବ୍ଦ ହେବ ନାହିଁ ବୋଲି ଭାବି ଗତ ୧୨ ତାରଖ ରାତି ୧୧ଟାରେ ଦିଲ୍ଲୀପଙ୍କ ସମେତ ଆଉ ୭ଜଣ ଏକାଠି ହୋଇଥିଲେ। କେକ୍ କାଟିବା ସମୟରେ ଦିଲ୍ଲୀପ ଏବଂ ତାଙ୍କ ସହଯୋଗୀମାନେ ୭ରାଉଣ୍ଡ ଫଲ୍ସ ଫାଇରିଂ କରିଥିଲେ। ଏହାପରେ ସେମାନେ ବିହାର ଭଳି ଏଠାରେ ବନ୍ଧୁକ ଉପରକୁ କରି ନାଚିଥିବାର ଦୃଶ୍ୟ ଭିଡିଓରେ ଦେଖିବାକୁ ମିଳିଥିଲା। ବନ୍ଧୁକ ଶବ୍ଦରେ ଗାଁଲୋକ ଏକ ପ୍ରକାର ଭୟଭୀତ ହୋଇଯାଇଥିଲେ। ସେମାନେ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ ମଧ୍ୟ ସ୍ଥାନୀୟ ପୋଲିସ ପ୍ରମାଣ ମାଗିଥିଲା। ଦିଲ୍ଲୀପ ଜଣେ ବାଲି ଚାଲାଣକାରୀ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକ ଭୟ କରନ୍ତି। ଅନ୍ୟ ଏକ ମାମଲାର ତଦନ୍ତ ସମୟରେ ଦିଲ୍ଲୀପଙ୍କ ସହ ବନ୍ଧୁକ ଲିଙ୍କ୍ ମିଳିଥିଲା। ସ୍ପେଶାଲ କ୍ରାଇମ୍ ୟୁନିଟ୍ ଯାଞ୍ଚ କରିବା ପରେ ଜନ୍ମଦିନରେ ଏଭଳି ଫଲ୍ସ ଫାଇରିଂ ଘଟଣା ପଦାକୁ ଆସିଥିଲା। ଗୁରୁବାର ରାତିରେ ଏକ ଟିମ୍ ଦିଲ୍ଲୀପଙ୍କୁ ଉଠାଇ ଆଣି ଅଟକ ରଖି ପଚରାଉଚରା କରୁଛି।

ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ମାଇଁଙ୍କୁ ଜିଅନ୍ତା ଜାଳି ହତ୍ୟା ଘଟଣା

ଉମରକୋଟ, ୧୫।୧୦
(ସନ୍ତୋଷ ଶତପଥୀ)

ମାଇଁଙ୍କୁ ଜିଅନ୍ତା ଜାଳି ହତ୍ୟା ଘଟଣାରେ ଅଭିଯୁକ୍ତ ଲଳିତ ଗଣ୍ଡ (୩୪)ଙ୍କୁ ଉମରକୋଟ ଅତିରିକ୍ତ ଜିଲା ଓ ଦୌରାଜଜ୍ ସୁନୀତା ପଟ୍ଟନାୟକ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ହେଲେ ଆଉ ୬ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

ସୂଚନାନୁଯାୟୀ, ୨୦୨୨ ମେ ୯ରେ ଏକ ତେନ୍ତୁଳି ଗଛ ତଳେ ଶୋଇଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତ ଲଳିତ ମାଇଁ ଶାନ୍ତିବାଇ ଗଣ୍ଡ (୬୪)ଙ୍କ ଉପରେ ପାଳ ପକାଇ ନିଆଁ ଲଗାଇ ଦେଇଥିଲେ। ଏଥିରେ ଶାନ୍ତିବାଇଙ୍କ ଶରୀରର ପ୍ରାୟ ୭୦ ପ୍ରତିଶତ ପୋଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ରାଇଘର ଡାକ୍ତରଖାନା, ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ସେଠାରୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ କରିଥିଲେ। ପରବର୍ତ୍ତୀ ସମୟରେ ସେ ସେପ୍ଟିସେମିଆରେ ପ୍ରାଣ ହରାଇଥିଲେ। ଏହି ଘଟଣା ପରଠାରୁ ଲଳିତ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ୨୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଦାଲତ ଲଳିତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଅଶୋକ କୁମାର ପାଢ଼ୀ ମାମଲା ପରିଚାଳନା କରୁଥିଲେ।

GOVERNMENT OF ODISHA
OFFICE OF THE PANCHAYAT SAMITI KUARMUNDA (SUNDARGARH)
ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୁଆରମୁଣ୍ଡା (ସୁନ୍ଦରଗଡ)
Phone No.: 0661-2914713, Email Id: ori-kuarmunda@nic.in
Letter No. 2974 Date: 14.10.2026

EXPRESSION OF INTEREST (EOI)

EOI for Aggregator/Buyer/Recycler of Solid Waste including Plastic (Recyclable and Non-recyclable waste) from district level Plastic Waste Management Unit.

Office of the	: Panchayat Samiti Office, Kuarmunda
Block/ULB	: Kuarmunda
District	: Sundargarh, Odisha
EOI Notice No.	: PS Kuarmunda - 02/2026-27
Website	: **sundargarh.odisha.gov.in**
Available from	: 15.10.2026 to 06.11.2026
Open On	: 07.11.2026

Sd./- Block Development Officer
Kuarmunda

OFFICE OF THE EXECUTIVE ENGINEER
L.I. DIVISION, BERHAMPUR
e-mail: eeolicbam@ymail.com
e-Procurement Notice
Bid Identification No. OLIC/BRAHMPUR/02/2026-27 OLIC (BAM)/Dt.14.10.2026
No. 32001/1052/2627: The Executive Engineer, Lift Irrigation Division, Brahmapur on behalf of OLIC invites Percentage Rate bids in Single Cover System to be received in Online Mode only for the work Installation & Energisation of 50 Nos. new Tube Well Lift Irrigation Projects under Different Blocks in Ganjam District as detailed in the table below. The bid should be submitted by the eligible class of contractors as mentioned below registered with the State Government and contractors of equivalent grade/class registered with Central Government /M.E.S./Railways/C.P.W.D. for execution of Civil works through Online in the Govt. website **www.tendersodisha.gov.in**. The bidders should have necessary portal enrolment (with own digital signature certificate). The registered bidders from outside odisha can also participate in this Online tender process after necessary portal enrolment but shall have to subsequently undergo registration with appropriate authority of the State.

1.	Numbers of Package	50 Numbers
2.	Estimated Cost	18.31 Lakhs to Rs.30.15 Lakhs
3.	Tender Cost	As per DTCN
4.	Class of Contractor	As per DTCN
5.	Date & time of publication	Dt.21.10.2026 from 11.00 A.M.
6.	Date & time of closing	Dt.31.10.2026 at 17.00 hrs.
7.	Date & time of opening of bid	Dt.02.11.2026 at 11.00 A.M.

Further details can be seen from the website **www.tendersorissa.gov.in**. Addendum/corrigendum/cancellation of tender, if any, can be seen in the said website.
OIPR-32001/32311/1/26-27/0002 Sd./- Executive Engineer

SBI ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା — **ଇ-ନିଲାମ ବିଜ୍ଞପ୍ତି**
''ନାଗାଲାଣ୍ଡ ହାଉସ୍'', ୮ମ ମହଲା, ୧୧ ଓ ୧୩ ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୨୨, ଇ-ମେଲ: sbi.04151@sbi.co.in
ପ୍ରାଧିକୃତ ଅଧିକାରୀଙ୍କ ବିବରଣୀ: ନାମ: ସୋମା ପାଲ୍, ଇ-ମେଲ୍ ଆଇଡି: clo1.04151@sbi.co.in, ମୋବାଇଲ ନଂ.: ୯୬୭୪୭୭୩୫୬୬

ପରିଶିଷ୍ଟ – IV-A
[ନିୟମ ୮(୬)ର ବ୍ୟବସ୍ଥାପନ ଦେଖନ୍ତୁ]
ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ
ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୬) ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଇ-ନିଲାମର ତାରିଖ ଓ ସମୟ: ତାରିଖ: ୧୭।୧୧।୨୦୨୬
ସମୟ: ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକ ବିଡ୍ ପାଇଁ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ସୁରକ୍ଷିତ ଋଣଦାତା)ଙ୍କ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା **ସାଙ୍କେତିକ ଦଖଲ** କରାଯାଇଥିଲା, ତାହାକୁ ଡାଇମେନସନ୍ ଷ୍ଟିଲ୍ ଆଣ୍ଡ ଆଲଏଜ୍ ପ୍ରା. ଲିଃ ଓ ଶ୍ରୀ ବଜରଙ୍ଗଲାଲ ମିତ୍ତଲ (ଦିବଙ୍ଗତ), ଶ୍ରୀ ମନିଷ ମିତ୍ତଲ, ଶ୍ରୀ ସୋନାଲ ମିତ୍ତଲ (ବ୍ୟକ୍ତିଗତ ଗ୍ୟାରେଣ୍ଟିଦାତା) ଏବଂ ବ୍ରହ୍ମନିର୍ମାଣ ପ୍ରା. ଲିଃ, ବ୍ରହ୍ମ ମାଇନ୍ସ ଆଣ୍ଡ ମିନେରାଲ୍ସ ପ୍ରା. ଲିଃ ଓ ବ୍ରହ୍ମ ଇଣ୍ଡିଆ ପ୍ରା. ଲିଃ (କର୍ପୋରେଟ୍ ଗ୍ୟାରେଣ୍ଟିଦାତା)ଠାରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କୁ ଦେୟ ଟ.୬୮,୩୪,୫୯,୫୨୮.୭୯ (ଅଠଷଠି କୋଟି ଚଉତିରିଶ ଲକ୍ଷ ଅଣଷଠି ହଜାର ପାଞ୍ଚଶହ ଅଠେଇଶ ଟଙ୍କା ଅଣସ୍ତରି ପଇସା ମାତ୍ର) ତଥା ତା୦୧।୦୫।୨୦୧୮ରିଖଠାରୁ ପ୍ରଯୁଜ୍ୟ ସୁଧ ସମେତ ତା' ପରଠାରୁ ଲାଗୁ ଆନୁଷଙ୍ଗିକ ବ୍ୟୟ, ଖର୍ଚ୍ଚ, ଶୁଳ୍କ ଆଦି ଆଦାୟ କରିବା ପାଇଁ **''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି''** ଏବଂ **''ସେଠାରେ ଯାହାବି ଅଛି''** ଭିତ୍ତିରେ **ତା୧୭।୧୧।୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ** ୱେବ୍‌ସାଇଟ୍ https://baanknet.com ଜରିଆରେ ବିକ୍ରୟ କରାଯିବ। ସଂରକ୍ଷିତ ମୂଲ୍ୟ ହେଉଛି ଟ.୮୯,୦୦,୦୦୦/- (ଅଣାନବେ ଲକ୍ଷ ଟଙ୍କା ମାତ୍ର) ଏବଂ ଅମାନତ ଜମା ରାଶି ହେଉଛି ଟ.୮,୯୦,୦୦୦/- (ଆଠ ଲକ୍ଷ ନବେ ହଜାର ଟଙ୍କା ମାତ୍ର)।
ସମ୍ପତ୍ତି ଓ ସଂରକ୍ଷିତ ମୂଲ୍ୟ ତଥା ଅମାନତ ଜମା ରାଶିର ବିବରଣୀ ନିମ୍ନ ଅନୁଯାୟୀ ଅଟେ:

କ୍ର. ସଂ.	ସମ୍ପତ୍ତି / ପରିସମ୍ପତ୍ତିର ବର୍ଣ୍ଣନା	i) ସଂରକ୍ଷିତ ମୂଲ୍ୟ ii) ଇଏମ୍‌ଡି iii) ବିଡ୍ ବୃଦ୍ଧି ପରିମାଣ iv) ନିରୀକ୍ଷଣର ତାରିଖ ଓ ସମୟ
୧.	ପ୍ଲଟ୍ ନଂ. ୭୭୧/୧୩୩୪, ୭୭୨/୧୩୩୫, ୭୭୫/୧୩୩୬, ୭୭୬/୧୩୩୭ ଏବଂ ଖାତା ସଂ. ୪୪/୧, ମୌଜା: ମାଟକାମବେଡ଼ା, ୟୁନିଟ୍ ନଂ.୧୧, ୱାର୍ଡ ସଂ. ୧୩, ଚମ୍ପୁଆ ବସ୍ତି, ବଡ଼ବିଲ, ଜିଲ୍ଲା: କେନ୍ଦୁଝରସ୍ଥିତ ୧ ଏକର ୧୧୧ ଡିସିମିଲ ପରିମାପର ଖାଲି ଜମିର ସମସ୍ତ ଭାଗ ଓ ଅଂଶବିଶେଷ। **(ସମ୍ପତ୍ତି ଆଇଡି: ଏସ୍‌ବିଆଇଏନ୍୨୦୦୦୦୭୮୨୦୭୩୦)** **(ସାଙ୍କେତିକ ଦଖଲ ଅଧୀନରେ)**	i) ଟ.୮୯,୦୦,୦୦୦.୦୦ ii) ଟ.୮,୯୦,୦୦୦.୦୦ iii) ଟ.୧,୦୦,୦୦୦/- iv) ତା୦୧।୧୧।୨୦୨୬ରିଖ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା

ସମ୍ପତ୍ତିର ସନ୍ଧାନ କରନ୍ତୁ

ବ୍ୟାଙ୍କ ୱେବସାଇଟ୍:	ଇ-ନିଲାମ ୱେବସାଇଟ୍:	ସମ୍ପତ୍ତିର ଅବସ୍ଥିତି :
https://sbi.co.in/web/sbi-in-the-news/auction-notices/sarfaesi-and-others	ୟୁଆର୍‌ଏଲ: https://baanknet.com	ଏସ୍‌ବିଆଇଏନ୍୨୦୦୦୦୭୮୨୦୭୩୦

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଦୟାକରି ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୱେବସାଇଟ୍‌ରେ ଦିଆଯାଇଥିବା ଲିଙ୍କ୍, ଅର୍ଥାତ୍ - https://www.sbi.bank.in ଏବଂ https://baanknet.com/eauction ପରିଦର୍ଶନ କରନ୍ତୁ
ତାରିଖ: ୧୬।୧୦।୨୦୨୬ ସ୍ୱା./-
ସ୍ଥାନ: କୋଲକାତା ପ୍ରାଧିକୃତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
୧ମ ମହଲା, କେ କେ ଭଓ୍ୱସିଙ୍କା କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନମେଣ୍ଟ ରୋଡ଼, କଟକ-୭୫୩୦୦୧
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।
ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୩୧.୧୦.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

କ୍ର. ନଂ.	ଶାଖା / ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ବକେୟା ରାଶି	ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡ଼ିକର ବିବରଣୀ	ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ	ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ
୧.	**ଅରିଲୋ ଶାଖା, ମୋ: ୯୬୫୮୧୭୨୧୮୨ /** **ଋଣଗ୍ରହୀତା: ମେସର୍ସ ପରିଡା ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ପରିଡା,** ପିତା: ଶ୍ରୀ କୁଳମଣି ପରିଡା / **ଅଂଶୀଦାରମାନେ: ୧) ଶ୍ରୀ ଅଶୋକ କୁମାର ପରିଡା,** ପିତା: ଶ୍ରୀ କୁଳମଣି ପରିଡା, **୨) ଶ୍ରୀମତୀ ପ୍ରଭାତି ପରିଡା,** ସ୍ୱାମୀ: ଶ୍ରୀ ଅଶୋକ କୁମାର ପରିଡା, ସମସ୍ତଙ୍କ ଠିକଣା- ସା: ମଧୁପୁର, ପୋ: ଅଲଣାହାଟ, ଥାନା: ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା-୭୫୪୧୦୭ / **ବକେୟା ରାଶି: ତା.୩୦.୦୯.୨୦୨୬ରିଖ ସୁଦ୍ଧା ଟ.୧୭,୪୪,୦୦୦/-** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ	**ଶ୍ରୀ ଅଶୋକ କୁମାର ପରିଡା ଏବଂ ଶ୍ରୀମତୀ ପ୍ରଭାତି ପରିଡା**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧୪୮, ରେଭିନ୍ୟୁ ଖାତା ନଂ.: ୪୪୯/୯୦, ମୌଜା: ମଧୁପୁର, ଥାନା ନଂ.: ୧୩, ତହସିଲ ନଂ.: ୧୨, ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, କ୍ଷେତ୍ର: ଏକର୦.୦୭ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ଗ୍ରାମ୍ୟ ରାସ୍ତା, ପୂର୍ବ: ଭଗବାନ ପରିଡା, ପଶ୍ଚିମ: ପ୍ଲଟ୍ ନଂ.: ୧୧୪୯	ଟ.୧୪,୦୬,୦୦୦/- / ଟ.୧,୪୦,୬୦୦/- / ଟ.୧୪,୦୦୦/-	ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ
୨.	**ବଡହାଟ କେନ୍ଦ୍ରାପଡା ଶାଖା, ମୋ.: ୯୭୩୪୨୮୦୦୦୪/** **ଋଣଗ୍ରହୀତାମାନେ: ୧) ରୁକ୍ମଣୀ ବଳ,** ସ୍ୱାମୀ: ୰ ରାଜ କିଶୋର ବଳ, **୨) ୰ ରାଜ କିଶୋର ବଳଙ୍କ ସମ୍ପତ୍ତିର ପ୍ରତିନିଧିମାନେ: କ) ରଜତ କୁମାର ବଳ,** ପିତା: ୰ ରାଜ କିଶୋର ବଳ, **ଖ) ରାଜଶ୍ରୀ ବଳ,** ପିତା: ୰ ରାଜ କିଶୋର ବଳ **ଏବଂ ଅନ୍ୟମାନେ / ଗ୍ୟାରେଣ୍ଟିଦାତା: ଶ୍ରୀ କୁଞ୍ଜ ବିହାରୀ ପଣ୍ଡା,** ପିତା: ଜେନାମଣି ପଣ୍ଡା, ସମସ୍ତଙ୍କ ଠିକଣା- ସା: ତରାଣ୍ଡୋ, ପୋ: ବାରୋ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍ - ୭୫୪୨୫୦ / **ବକେୟା ରାଶି: ତା.୩୦.୦୯.୨୦୨୬ରିଖ ସୁଦ୍ଧା ଟ.୪,୦୧,୬୧୩.୨୭** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ	**ରୁକ୍ମଣୀ ବଳ**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ଖାତା ନଂ.: ୭୦୫/୧୪୩, ପ୍ଲଟ୍ ନଂ.: ୧୬୫/୩୦୧୪, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, ମୌଜା: ତରାଣ୍ଡୋ, ଥାନା: ନିକିରାଇ ଏବଂ ନଂ.: ୧୮୦, ତହସିଲ: କେନ୍ଦ୍ରାପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୧୬୪, ପୂର୍ବ: ପ୍ଲଟ୍ ନଂ.: ୧୬୨ର ଅବଶିଷ୍ଟ, ପଶ୍ଚିମ: ପ୍ଲଟ୍ ନଂ.: ୧୬୬	ଟ.୨୪,୧୩,୦୦୦/- / ଟ.୨,୪୧,୩୦୦/- / ଟ.୨୪,୦୦୦/-	ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ
୩.	**ଜଗତ୍‌ପୁର ଶାଖା, ମୋ.: ୯୪୫୧୯୧୬୬୬୭ /** **ଋଣଗ୍ରହୀତାମାନେ: ୧) ମେସର୍ସ ମହାବୀର ଏଜେନ୍ସିଜ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସୁବାଷ ଚନ୍ଦ୍ର ଲେଙ୍କା,** ସା: ଶଗଡ଼ିଆ ସାହି, ରାଣୀହାଟ, କଟକ, ଓଡ଼ିଶା, ପିନ୍ - ୭୫୩୦୦୧, **୨) ଶ୍ରୀ ସୁବାଷ ଚନ୍ଦ୍ର ଲେଙ୍କା,** ସା: ବେରୁଆଁ, ପୋ: ରାମଗଡ, ଥାନା: ଟାଙ୍ଗୀ, ଜିଲ୍ଲା: କଟକ-୭୫୪୦୨୨ / **କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀ ଘନଶ୍ୟାମ ଲେଙ୍କା,** ସା: ବେରୁଆଁ, ପୋ: ରାମଗଡ, ଥାନା: ଟାଙ୍ଗୀ, ଜିଲ୍ଲା: କଟକ-୭୫୪୦୨୨ / **ବକେୟା ରାଶି: ତା.୩୦.୦୯.୨୦୨୬ରିଖ ସୁଦ୍ଧା ଟ.୧୮,୯୮,୦୦୦/-** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ	**ଶ୍ରୀ ଘନଶ୍ୟାମ ଲେଙ୍କା** ଏବଂ **ଶ୍ରୀ ସୁବାଷ ଚନ୍ଦ୍ର ଲେଙ୍କା**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର **ସମୁଦାୟ ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୭୦ ଡିସିମିଲି,** ମୌଜା: ବେରୁଆଁ, ଥାନା: ଟାଙ୍ଗୀ, ତହସିଲ: ଟାଙ୍ଗୀ-ଚୌଦ୍ୱାର, ଜିଲ୍ଲା: କଟକ, ଖାତା ନଂ.: ୨୫୦/୫୬, ପ୍ଲଟ୍ ନଂ.: ୬୩, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶ୍ରୀ ଅଶୋକ ସାହୁଙ୍କ ପ୍ଲଟ୍, ଦକ୍ଷିଣ: ନାଳ, ପୂର୍ବ: ପଦ୍ମାଳୟା ସ୍ୱାଇଁଙ୍କ ପ୍ଲଟ୍, ପଶ୍ଚିମ: ରାସ୍ତା	ଟ.୮,୧୮,୦୦୦/- / ଟ.୮୨,୦୦୦/- / ଟ.୮,୦୦୦/-	ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ
୪.	**ଶର୍ମା ଛକ ତାଳଚେର ଶାଖା, ମୋ.: ୮୬୯୭୧୬୦୪୩୩ /** **ଋଣଗ୍ରହୀତାମାନେ: ୧) ଶ୍ରୀ ନବଘନ ବିଶ୍ୱାଳ,** ପିତା: ସନାତନ ବିଶ୍ୱାଳ, **୨) ଶ୍ରୀ କୁଶଧ୍ୱଜ ବିଶ୍ୱାଳ,** ପିତା: ସନାତନ ବିଶ୍ୱାଳ, ଉଭୟଙ୍କ ଠିକଣା- ସା: ଯୋରାଗାଡିଆ, ପୋ: ପଦ୍ମାବତୀପୁର, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା-୭୫୯୧୦୩ / **ବକେୟା ରାଶି: ତା.୩୦.୦୯.୨୦୨୬ରିଖ ସୁଦ୍ଧା ଟ.୮,୬୩,୫୨୯.୦୬** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ	**ଶ୍ରୀ ନବଘନ ବିଶ୍ୱାଳ ଏବଂ ଶ୍ରୀ କୁଶଧ୍ୱଜ ବିଶ୍ୱାଳ**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୬/୭, ପ୍ଲଟ୍ ନଂ.: ୩୦୬/୮୮୬, ପରିମିତ କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ମୌଜା: ଯୋରାଗାଡିଆ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପଦ୍ମନାଭ ପ୍ରଧାନ, ଦକ୍ଷିଣ: ଅଚ୍ୟୁତାନନ୍ଦ ପ୍ରଧାନ, ପୂର୍ବ: ରାସ୍ତା, ପଶ୍ଚିମ: ଦିନବନ୍ଧୁ ପ୍ରଧାନ	ଟ.୫,୧୪,୦୦୦/- / ଟ.୫୧,୪୦୦/- / ଟ.୫,୦୦୦/-	ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା
ଇ-ନିଲାମ ତାରିଖ ଏବଂ ସମୟ : ତା.୩୧.୧୦.୨୦୨୬ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : **https://baanknet.com**
ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ: ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତ ପୂର୍ବରୁ ଅମାନତ ରାଶି ଜମା କରାଯିବ ଏବଂ ସମ୍ପତ୍ତି ଆଇଡି ସହିତ ସଂଯୁକ୍ତି କରାଯିବ। ବୈଷୟିକ ଅସୁବିଧା ଏଡାଇବା ନିମନ୍ତେ ଯଥେଷ୍ଟ ପୂର୍ବରୁ ସମ୍ପତ୍ତି ଆଇଡି ସହିତ ଅମାନତ ରାଶି ସଂଯୁକ୍ତି କରି ଜମା କରିବାକୁ ପରାମର୍ଶ।
ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ
ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: **https://baanknet.com & https://www.unionbankofindia.bank.in/auction-property/view-auction-property.aspx** ଦେଖନ୍ତୁ।
ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।
ସ୍ଥାନ: କଟକ, ତାରିଖ: ୧୫.୧୦.୨୦୨୬ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ODISHA
ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର – ୭୫୧୦୧୨
No. 8001/386/2627

ପ୍ରଦୂଷଣମୁକ୍ତ ଗଣେଶ ପୂଜା, ଖୁଦୁରୁକୁଣୀ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, କାଳୀପୂଜା ତଥା ସରସ୍ୱତୀ ପୂଜା ପାଳନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିବେଦନ

ସଂଖ୍ୟା: **VISC(LEM)Proj-64/25-26/13187** ତାରିଖ: **31.08.2026**

ପୂଜା କମିଟି କର୍ମକର୍ତ୍ତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:
- ମୂର୍ତ୍ତି ନିର୍ମାଣରେ ପୋଡା ମାଟି ତଥା Plaster of Paris ପରିବର୍ତ୍ତେ ପ୍ରାକୃତିକ ମୃତ୍ତିକା ବ୍ୟବହାର କରନ୍ତୁ।
- ମୂର୍ତ୍ତିରେ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ।
- ମୂର୍ତ୍ତିର ଉଚ୍ଚତାକୁ ୨୦ଫୁଟ ଏବଂ ମଣ୍ଡପ ଉଚ୍ଚତାକୁ ୪୦ଫୁଟ ମଧ୍ୟରେ ସୀମିତ ରଖନ୍ତୁ।
- ପୂଜା ପରେ ମୂର୍ତ୍ତିକୁ ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରନ୍ତୁ।
- ବିସର୍ଜନ ପୂର୍ବରୁ ମୂର୍ତ୍ତି ଓ ମେଢ଼ରୁ ଫୁଲ ତଥା ଅନ୍ୟ ସାଜସଜ୍ଜା ପଦାର୍ଥକୁ ମୂର୍ତ୍ତିରୁ କାଢ଼ି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ। ଏହାକୁ ବିସର୍ଜନ ସ୍ଥଳରେ ପୋଡ଼ନ୍ତୁ ନାହିଁ।
- ସାଜସଜ୍ଜା ତଥା ପ୍ରସାଦ ବିତରଣ ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।

ଜିଲ୍ଲା ପ୍ରଶାସନ ତଥା ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:
- ଜନସାଧାରଣଙ୍କୁ ମୂର୍ତ୍ତି ବିସର୍ଜନ ଜନିତ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନ କରନ୍ତୁ।
- ଜନସାଧାରଣଙ୍କୁ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣିବାକୁ ସଚେତନ କରନ୍ତୁ।
- ସମ୍ପୃକ୍ତ ସହରରେ ଅନୁଷ୍ଠିତ ପୂଜାର ସଂଖ୍ୟା ଅନୁପାତରେ ଆବଶ୍ୟକ ଅସ୍ଥାୟୀ ପୋଖରୀ ଖୋଳାଯାଇ ଏଠାରେ ବିସର୍ଜନ ନିମନ୍ତେ ପୂଜା କମିଟିକୁ ଅବଗତ କରାନ୍ତୁ।
- ନଦୀ ତଟବର୍ତ୍ତୀ ଅଞ୍ଚଳରେ ମୂର୍ତ୍ତି ବିସର୍ଜନ ନିମନ୍ତେ ମାଟିବନ୍ଧ ଓ Synthetic Liner ଥାଇ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ସମସ୍ତ ପୂଜା କମିଟିମାନଙ୍କୁ ଏହି ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ନିମନ୍ତେ ଅନୁରୋଧ କରନ୍ତୁ।
- ମୂର୍ତ୍ତି ବିସର୍ଜନ ହେବାର ୨୪ଘଣ୍ଟା ମଧ୍ୟରେ ଅସ୍ଥାୟୀ ପୋଖରୀ ମଧ୍ୟରୁ ବିସର୍ଜିତ ସାମଗ୍ରୀକୁ ବାହାର କରି ନିର୍ଦ୍ଦିଷ୍ଟ Municipal Dumpsiteକୁ ସ୍ଥାନାନ୍ତର କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ ପରେ ନଦୀ ବା ନାଳକୁ ନିଷ୍କାସିତ କରାଯାଇପାରେ।

ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:
- ପୂଜା ନିମନ୍ତେ କେବଳ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣନ୍ତୁ। ସାଜସଜ୍ଜା ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।
- ପୂଜା ପରେ ମୂର୍ତ୍ତି ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀକୁ ନିଜ ଘରେ ବିସର୍ଜନ କରନ୍ତୁ କିମ୍ବା ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ କିମ୍ବା ଚିହ୍ନିତ କୃତ୍ରିମ ଭ୍ରାମ୍ୟମାଣ କୁଣ୍ଡରେ ବିସର୍ଜନ କରନ୍ତୁ।
- ବ୍ୟବହୃତ ପୂଜା ସାମଗ୍ରୀକୁ ଜରିରେ ବାନ୍ଧି କୌଣସି ନଦୀ କିମ୍ବା ପୋଖରୀରେ ନ ଫୋପାଡ଼ି ଚିହ୍ନଟ ବିସର୍ଜନ ସ୍ଥଳୀରେ ପକାନ୍ତୁ।

ଫାଇନ୍ ଓ ଦଣ୍ଡ ବ୍ୟବସ୍ଥା:
Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021 ଅନୁଯାୟୀ ମୂର୍ତ୍ତି କାରିଗରମାନେ ରୁଲ୍ ୩ର ଅବମାନନା କଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନେ ଦୁଇ ବର୍ଷ ପାଇଁ ମୂର୍ତ୍ତି ତିଆରିରୁ ବାସନ୍ଦ ହେବେ। ଏହା ବ୍ୟତୀତ ମୂର୍ତ୍ତି ନିର୍ମାତାମାନଙ୍କର ରେଜିଷ୍ଟ୍ରେସନ ଫି ମଧ୍ୟ ଜବତ କରାଯିବ।
ପୂଜା କମିଟି କର୍ମକର୍ତ୍ତାମାନଙ୍କ ଦ୍ୱାରା ରୁଲ୍ ୫ ଏବଂ ୬ର ଅବମାନନା ହେଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିମ୍ନଲିଖିତ ଜୋରିମାନା ଆଦାୟ କରାଯିବ।
– ପଞ୍ଚାୟତ ସୀମା ମଧ୍ୟରେ ଥିଲେ ୩୦୦୦ ଟଙ୍କା।
– ମ୍ୟୁନିସିପାଲିଟି କିମ୍ବା NAC ସୀମା ମଧ୍ୟରେ ଥିଲେ ୫୦୦୦ ଟଙ୍କା।
– ମ୍ୟୁନିସିପାଲିଟି କର୍ପୋରେସନ ସୀମା ମଧ୍ୟରେ ଥିଲେ ୭୦୦୦ ଟଙ୍କା।

ଆସନ୍ତୁ ମିଳିମିଶି ପ୍ରଦୂଷଣମୁକ୍ତ ପୂଜା ପାଳନ ନିମନ୍ତେ ଯତ୍ନବାନ ହେବା

- ବି.ଦ୍ର.: ଏ ସମ୍ପର୍କୀୟ ବିଶଦ ବିବରଣୀ "The Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021ରେ ମିଳିପାରିବ। (Weblink: **http://ospcboard.org/wp-content/uploads/2022/02/1741-F-E-Idol-Immersion-Rule-by-Odisha.pdf**।

ସ୍ୱା./– ସଦସ୍ୟ ସଚିବ
OIPR-8001/8012/2/26-27/0087